# ସଂକ୍ରମଣ ସମୟରେ ଖାଦ୍ୟ ବିତରଣ

ଭାରତୀୟ ବୈଜ୍ଞାନିକଙ୍କର କୋଭିଡ-୧୯ କୁ ନେଇ ପ୍ରତିକ୍ରିୟା

IndiSciCovid

https://indscicov.in/



Indian
Scientists'
Response to
COVID-19

ଆଜିକାଲି ଆମ ଅଂଚଳ ରେ କାର୍ତିକ ଜଣେ ଅତି ଜଣା ଶୁଣା ମଣିଷ ଭାବେ ବେଶ ପରିଚିତ | ସେ ପ୍ରାତଃ ୬ ଘଟିକା ରେ, ନିଜର ସ୍ନାନାଦି କାର୍ଯ୍ୟ ସାରି କ୍ଷୀର ଦେବାକୁ ବାହାରି ପଡେ | ସେ କ୍ଷୀର ପ୍ୟାକେଟ ଗୁଡିକୁ ଘର ବାହାରେ ଝୁଲୁଥିବା ବ୍ୟାଗ ରେ ଅଥବା ଘର ଚଟାଣ ଉପରେ ରଖି ଦିଏ | କ୍ଷୀର ବ୍ୟବସାୟ ସମୟରେ ଘର ର ନିରାପତ୍ତା ସହ ଶାରୀରିକ ଦୂରତା ବଜାୟ ରଖିବାରେ ତାକୁ ସହଜ ହୋଇଥାଏ | କିନ୍ତୁ ସନ୍ଧ୍ୟା ସମୟରେ ଯେତେବେଳେ ସେ ଖାଦ୍ୟ ବିକ୍ରି କରେ, ତାକୁ ଅଧିକ ସଚେତନତା ଓ ବୁଦ୍ଧିମତ୍ତା ର ସହ କାମ କରିବାକୁ ପଡିଥାଏ |


ଲୋକମାନେ ଆଧୁନିକ ପ୍ରକ୍ରିୟା ସବୁ ବହୁଳ ଭାବେ ବ୍ୟବହାର କରୁଥିବାର କାର୍ତିକ ଜାଣି ପାରିଲା | ସପ୍ତାହେ ଭିତରେ ସେ ତାର ଗ୍ରାହକ ମାନଙ୍କୁ ଆଧୁନିକ ପ୍ରକ୍ରିୟା ବହୁଳ ଭାବେ ବ୍ୟବହାର କରୁଥିବାର ଉପଲବ୍ଧି କଲା | ପାଖା ପାଖି ବହୁତ ଗ୍ରାହକଙ୍କ ଘରେ ଅନଲାଇନ ଆପ ଜରିଆରେ ନେଣ ଦେଣ ଆରମ୍ଭ କରି ଦେଇଥିଲା ଏବଂଅବଶିଷ୍ଟ ଗ୍ରାହକ ମାନଙ୍କ ପାଇଁ ସେ ବାହାରେ ଏକ ବ୍ୟାଗ ରଖିଦେଇଥିଲା | ବିଶେଷତଃ ଯେଉଁ ଗ୍ରାହକ ମାନେ ନଗଦ ଅର୍ଥ ପ୍ରଦାନ କରିବାକୁ ଚାହୁଁଥିଲେ, ସେମାନେ ଉକ୍ତ ବ୍ୟାଗ ରେ ଅର୍ଥ ପୈଠ କରୁଥିଲେ | ଏକଦା ଜଣେ ଗ୍ରାହକ ନିଜର ଗୃହ ମଧ୍ୟରେ ଥିବା ଟେବୁଲ ଉପରେ ଖାଦ୍ୟ ପୁଡିଆ ରଖିଦେବାକୁ କାର୍ତିକକୁ ଅନୁରୋଧ ଜଣାଇଥିଲେ | ଘରର ସଦସ୍ୟ ମାନେ କାର୍ତିକ ଠାରୁ ଏକ ହାତ ଦୂରତା ରଖି ଯୁଦ୍ଧ ମୈଦାନ ରେ ମାର୍ଚ୍ଚ ଫାଷ୍ଟ (ପରେଡ) କଲା ପରି ଯାଉଥିବାର ସେ ନଜର କଲା |



କାର୍ତିକର ସ୍ତ୍ରୀ ଦେବୀ କାର୍ତିକକୁ କାମ କଲାବେଳେ ନିରାପତ୍ତା ଦେବାକୁ ଚାହିଁଲା ତେଣୁ ସେ ଏକ ନୂଆ ଥଳି ତିଆରି କଲା ଯେଉଁଥିରେ କାର୍ତିକ ଅର୍ଥକୁ ସଂଗ୍ରହ କରି ପାରିବେ | ଆହୁରି ମଧ୍ୟ, ସେ କାର୍ତିକ ପାଇଁ ଏକ ବିବରଣୀ ପ୍ରସ୍ତୁତ କଲା ଯେମିତି କି ମାସ୍କ ପିନ୍ଧିବା, ସାନିଟାଇଜର ବ୍ୟବହାର କରି ହାତ ଧୋଇବା ଏବଂ  ଘରୁ ନେଇଥିବା ଖାଦ୍ୟ କୁ ଚାମଚ ରେ ଖାଇବା  ଇତ୍ୟାଦି |



ରମେଶ ଓ ମାଳତୀ କାର୍ତିକର ଦୁଇ ପଡୋଶୀ, ନିଜ ଝରକା ଖୋଲି କାର୍ତିକ କୁ ଅଭିନନ୍ଦନ ଜଣାଇଲେ | ଗୃହ ବନ୍ଦୀ ସମୟରେ କୌଣସି କାମ ନକରି ପାରୁଥିବା ଲୈଲା, କାର୍ତିକକୁ  ତାଲାବନ୍ଦୀ ସମୟରେ ବାହାରକୁ ଯାଇ ପାରିଥିବାରୁ ଅତ୍ୟନ୍ତ ଭାଗ୍ୟଶାଳୀ ବୋଲି ଅଭିହିତ କଲେ | ସେମାନେ କାର୍ତିକକୁ ଡେଲିଭେରି (ବିତରଣ) କାମ ସାରି ସ୍କୁଟର ସଫା କରୁଥିବାର ଦେଖୁଥିଲେ | କାର୍ତିକ ମାସ୍କ ଲଗାଇ ଅସ୍ପଷ୍ଟ ଭାବେ କହୁଥିବାରୁ ରମେଶ କାର୍ତିକ କୁ ବହୁତ ଚିଡ଼ାଇଲେ |  କାର୍ତିକ ବଡ ଯତ୍ନର ସହ ତାର ମାସ୍କଟିକୁ ମୁହଁ ରୁ ବାହାର କଲା ଓ ଏକ ଛୋଟିଆ ପାତ୍ର ରେ ପକାଇଦେଲା | ଲୈଲା ଏହାଦେଖି ବଡ ଉତ୍କଣ୍ଠାର ସହ ପାତ୍ରରେ କଣ ଅଛି ବୋଲି ପଚାରିଲା| ଏହି କଥାବାର୍ତ୍ତାରେ ଯୋଗ ଦେଇ ଦେବୀ ଉତ୍ତର ପୂର୍ବକ କହିଲା ଯେ ମାସ୍କଟିକୁ ଫିଙ୍ଗି ଦେବା ପୁର୍ବରୁ  ଆମକୁ ପ୍ରଥମେ ବ୍ଲିଚିଂ ପାଉଡର ଓ ପାଣିରେ ଧୋଇବା ଆବଶ୍ୟକ | ଆଉ ସେ ନିଜ ପୁରୁଣା ଲୁଗାରୁ ଗୋଟିଏ ମାସ୍କ ତିଆରି କରିଥିଲା, ମାତ୍ର ସେଥିରେ ଫୁଲର ଚିତ୍ର ଥିବାରୁ କାର୍ତିକ ବ୍ରିନ୍ଧୁ ନଥିବା କଥା ମଧ୍ୟ କହିଲା |



କାର୍ତିକ ଘର ଭିତରକୁ ଆସିଲା ଓ ନିଜର ପୋଷାକ କାଢ଼ିଦେଇସୋଫା ପାଖରେ ଦେବୀ ରଖିଥିବା ବାଲ୍ଟିରେ ରଖିଦେଲା | ସେ ତୁରନ୍ତ ତାକୁ ଡିଟରଜେଣ୍ଟ ରେ ସଫା କରି ଲୁଗା ଶୁଖା ରସି ରେ ଶୁଖାଇ ଦେଲା | ଲୈଲା ରମେଶ ଆଡକୁ ଚାହିଁ କହିଲା "ଦେଖ, କାର୍ତିକ କେତେ ଦାୟିତ୍ଵବାନ ହୋଇ ଗଲାଣି! ସେ ନିଜ ପୋଷାକ ବି ନିଜେ ସଫା କରି ଶୁଖାଉଛି " | "ଏ କରୋନା ଭାଇରସ (ଭୁତାଣୁ) କୁ ଧନ୍ୟବାଦ, ଯାହା ପାଇଁ କାର୍ତିକ କେବଳ ପୋଷାକ ନୁହଁ ନିଜ ଗାଡି (ସ୍କୁଟର) କୁ ମଧ୍ୟ ସବୁଦିନ ଧୋଉଛନ୍ତି ଓ ସଫା କରୁଛନ୍ତି " ଦେବୀ ଥଟ୍ଟାକରି ଉତ୍ତର ଦେଲା | ସେ କହି ଉଠିଲେ ଯେ, “ଏପରି ସମୟରେ ତାଙ୍କର ଦାୟିତ୍ଵ ବହୁତ ଗୁରୁତ୍ଵ ପୁର୍ଣ | ତାଙ୍କୁ କାମ କରିବା ଉଚିତ ଏବଂ ଲୋକମାନଙ୍କ ସହ ମିଶିବା ବେଳେ ଖୁବ ସାବଧାନ ହେବା ଦରକାର | ଏମିତି କି ସେ ଥରେ କାଶି ଦେଲେ ମୁ ଅତ୍ୟନ୍ତ ଭୟଭୀତ ହୋଇ ପଡେ | ତେଣୁ ଯଥା ସମ୍ଭବ ଆମକୁ ପୂର୍ବ ସତର୍କତା ଅବଲମ୍ବନ କରିବା ଉଚିତ |”



“ବ୍ୟସ୍ତ ହୁଅନ୍ତୁ ନାହିଁ, ସୁରକ୍ଷିତ ରହିବା ପାଇଁ ଜାରି କରାଯାଇଥିବା ନିୟମାବଳୀ ପ୍ରତି ସେ ଖୁବ ସଚେତନ ଅଛନ୍ତି | ସେ ଲୋକ ମାନଙ୍କୁ ଯଥାଶକ୍ତି ସାହାଯ୍ୟ କରୁଥିବାରୁ ସେ ଆମ ଅଂଚଳ ର ସୁପର ହିରୋ" କହି ମାଳତୀ ବହୁତ ଉତ୍ସାହିତ କଲେ |

ଏହି କାହାଣୀଗୁଡିକ ସାଧାରଣ ଦୃଶ୍ୟକୁ ଚିତ୍ରଣ କରିବା ଏବଂ ଆମେ ପ୍ରଦାନ କରୁଥିବା ସୂଚନାକୁ ପ୍ରସଙ୍ଗଭିତ୍ତିକ କରିବା ପାଇଁ ଉଦ୍ଦିଷ୍ଟ ଅଟେ। ଏହା ନିଶ୍ଚିତ ରୂପେ ବିଷୟବସ୍ତୁକୁ ସରଳ କରିଥାଏ | ବୈଜ୍ଞାନିକ ସଠିକତା ପାଇବା ପାଇଁ ୱେବସାଇଟରେ ଥିବା ଦସ୍ତାବିଜ ଗୁଡିକୁ ଧ୍ୟାନ ଦେଇ ପଢନ୍ତୁ |

